# ସତ୍ୟପ୍ରକାଶ

SEPT. & OCT.
2006



Greet one another with a holy kiss"    II Cor 13 : 12

**AN ORIYA BIMONTHLY BULLETIN**
**PUBLISHED BY THE CHURCH OF CHRIST**

# THE VOICE OF TRUTH

Edited & Published By
Joshua & Kabita Gootam

## CHURCH OF CHRIST

P.O.Box.No 80, Kakinada
A.P. - 533 001.
Ph : 0884 - 2363722

**VOL.11. Sep. & October 2006 (NO.5)**

Published every two months in Oriya Language for the Restoration of pure New Testament Christianity

Watch SATYA VANI on TEJA Channel Every Saturday and every Tuesday on MAA TV at 6:30 a.m. and every Thursday on VISSA TV at 7:00 a.m. in Telugu Language.

**Speakers : Joshua Gootam & Ricky Gootam**

---

Write for free Bible Correspondence Course in Telugu & Oriya to:

The Director
Bible Correspondence Course
P.O.Box. 80, KAKINADA - 533 001.

# ସତ୍ୟବାଣୀ

# VOICE OF TRUTH

**VOL - XI KAKINADA SEP-OCT**


## ଯୀଶୁଖ୍ରୀଷ୍ଟ
## (Jesus Christ)

ଆପଣ କି କେବେ ଯୀଶୁଖ୍ରୀଷ୍ଟଙ୍କ ବିଷୟରେ ଶୁଣିଅଛନ୍ତି ? ତାହାଙ୍କ ବିଷୟରେ ଆପଣ କଅଣ ଜାଣନ୍ତି ? ସେ ଯେ ଈଶ୍ୱରଙ୍କ ପୁତ୍ର ଅଟନ୍ତି, ଏହା କି ବିଶ୍ୱାସ କରନ୍ତି? ଆପଣ କି ଜଣେ ଖ୍ରୀଷ୍ଟିୟାନ ଏବଂ ତାହାଙ୍କ ମଣ୍ଡଳୀର ସଭ୍ୟ ଅଟନ୍ତି ?

ଯୀଶୁଖ୍ରୀଷ୍ଟଙ୍କ ବିଷୟରେ ବାଇବଲ ତଥା ଇତିହାସ ସାକ୍ଷ୍ୟ ଦିଏ । B.C. ଅର୍ଥାତ୍ Before Christ (ଖ୍ରୀଷ୍ଟଙ୍କ ପୂର୍ବେ) A.D. ଅର୍ଥାତ୍ In the year of our Lord (ଖ୍ରୀଷ୍ଟଙ୍କ ଆଗମନ ପରେ) ରୂପେ ଜଗତର ଦିନ, ମାସ, ବର୍ଷ ଗଣିତ ହୁଏ । ଯୀଶୁଖ୍ରୀଷ୍ଟଙ୍କ ଜୀବନ ଏ ଜଗତର ସ୍ଥିତିଗତି ବଦଳାଇ ଅଛି । ଏହିସବୁ ବିଷୟ ଯୀଶୁଙ୍କ ଏହି ଜଗତରେ ଜନ୍ମ ବିଷୟରେ ସାକ୍ଷ୍ୟ ଦିଏ ।

ଆଦି ପୁସ୍ତକରେ ସୃଷ୍ଟି ବିଷୟରେ ଲିଖିତ ହେବା ସମୟରେ ଲେଖାଯାଏ ''ଏଥି ଉତ୍ତାରେ ପରମେଶ୍ୱର କହିଲେ, ଆମ୍ଭେମାନେ ଆପଣା ପ୍ରତିମୂର୍ତ୍ତିରେ ଓ ଆପଣା ସାଦୃଶ୍ୟରେ ମନୁଷ୍ୟର ନିର୍ମାଣ କରୁ । ସେମାନେ ଜଳଚର ମତ୍ସ୍ୟଗଣ ଓ ଖେଚର ପକ୍ଷୀଗଣ ଓ ପଶୁଗଣ ଓ ସମସ୍ତ ପୃଥିବୀ ଓ ଭୂମିରେ ଗମନଶୀଳ ସବୁ ଉରୋଗାମୀ ଜନ୍ତୁ ଉପରେ କର୍ତ୍ତୃକ କରିବେ । ଅନନ୍ତର ପରମେଶ୍ୱର ଆପଣା ପ୍ରତିମୂର୍ତ୍ତିରେ ମନୁଷ୍ୟକୁ ସୃଷ୍ଟି କଲେ, ପରମେଶ୍ୱରଙ୍କ ପ୍ରତିମୂର୍ତ୍ତିରେ ସେ ତାହାକୁ ସୃଷ୍ଟି କଲେ, ପୁରୁଷ ଓ ସ୍ତ୍ରୀ କରି ସେ ସେମାନଙ୍କୁ ସୃଷ୍ଟି କଲେ ।'' (ଆଦି ୧:୨୬,୨୭) । ''ଆମ୍ଭେମାନେ'' ରେ କେଉଁମାନେ ଅନ୍ତର୍ଭୁକ୍ତ ? ବିଶ୍ୱର ସୃଷ୍ଟିରେ ସଦାପ୍ରଭୁଙ୍କ ସହ ଯୀଶୁଖ୍ରୀଷ୍ଟ ଥିଲେ, ବୋଲି ଈଶ୍ୱର ବାକ୍ୟ ସୁସ୍ପଷ୍ଟ କରେ । ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ସଦାପ୍ରଭୁ ସମସ୍ତ ସୃ କଲେ ବୋଲି ପ୍ରେରିତ ପାଉଲ ଏଫିସୀ ୩:୯ ପଦରେ ଲେଖନ୍ତି । ଖ୍ରୀଷ୍ଟଙ୍କ ବିଷୟରେ କଲସୀ

ମଣ୍ଡଳୀକୁ ଲେଖନ୍ତି, "କାରଣ ଦୃଶ୍ୟ ଓ ଅଦୃଶ୍ୟ, ସ୍ୱର୍ଗରେ ଓ ପୃଥିବୀରେ ସମସ୍ତ ବିଷୟ ତାହାଙ୍କ ଦ୍ୱାରା ସୃଷ୍ଟି ହେଲା, ସିଂହାସନ କି ପ୍ରଭୁତ୍ୱ କି ଆଧିପତ୍ୟ କି କର୍ତ୍ତାପଣ, ସମସ୍ତ ତାହାଙ୍କ ଦ୍ୱାରା ଓ ତାହାଙ୍କ ନିମନ୍ତେ ସୃଷ୍ଟ ହୋଇଅଛି ।" (କଲସୀ ୧:୧୬) "ତାହାଙ୍କ ଦ୍ୱାରା ସମସ୍ତ ସୃଷ୍ଟ ହେଲା, ଆଉ ଯେ ସମସ୍ତ ସୃଷ୍ଟ ହୋଇଅଛି, ସେଥି ମଧ୍ୟରୁ ଗୋଟିଏ ସୁଦ୍ଧା ତାହାଙ୍କ ବିନା ସୃଷ୍ଟ ହୋଇନାହିଁ ।" (ଯୋହନ ୧:୩)

ପୁରାତନ ନିୟମର ପୃଷ୍ଠାରେ ଯୀଶୁଖ୍ରୀଷ୍ଟଙ୍କ ଉପସ୍ଥିତି ଅନୁଭବ କରୁ । ସେ ଯୀଶୁ ବା ଖ୍ରୀଷ୍ଟ ରୂପେ ନାମିତ ଅଟନ୍ତି । ହରେବ ପର୍ବତ ଉପରେ ପ୍ରଜ୍ୱଳିତ ବୁଦାରେ ମୋଶାଙ୍କୁ ଦର୍ଶନ ଦେଇଦେବା ପରମେଶ୍ୱର ଆପଣା ବିଷୟରେ କହିଲେ, "ଆମ୍ଭେ ଯେ ଅଛୁ, ସେ ଅଛୁ..." (ଯାତ୍ରା ୩:୧୩,୧୪) ଯୋହନ ୮:୨୪ ପଦରେ ଯୀଶୁ କହିଲେ, "........ମୁଁ ଯେ ସେହି ବ୍ୟକ୍ତି, ଏହା ତୁମ୍ଭେମାନେ ବିଶ୍ୱାସ ନକଲେ ଆପଣା ଆପଣା ପାପରେ ମରିବ ।" (ଯାତ୍ରା ୩୨:୩୪ ରୁ ୩୩ ପର୍ବର ପଦଗୁଡ଼ିକରେ ସଦାପ୍ରଭୁ ଇସ୍ରାୟେଲର ଯାତ୍ରାର ଆଗେ ଆଗେ "ଆମ୍ଭ ଦୂତ" ପ୍ରେରଣ କରିବେ ବୋଲି ପ୍ରତିଜ୍ଞା କରିଥିଲେ । ଯେଉଁ ଦୂତ ଇସ୍ରାୟେଲର ଆଗେ ଆଗେ ପଥ କଢ଼ାଇଥିଲେ ସେ ଯୀଶୁଖ୍ରୀଷ୍ଟ ଅଟନ୍ତି ବୋଲି ୧ମ କରିନ୍ଥୀ ୧୦:୧-୪ ପଦରେ ଲେଖାଯାଏ । "ଅନନ୍ତର ସଦାପ୍ରଭୁଙ୍କ ଦୂତ ଗିଲ୍‌ଗଲରୁ ବୋଖୀମକୁ ଆସିଲେ, ଆଉ ସେ କହିଲେ, ଆମ୍ଭେ ତୁମ୍ଭମାନଙ୍କୁ ମିସରରୁ ଆଣିଲୁ......." (ବିଚାରକର୍ତ୍ତା ୨:୧) ସେହି ଦୂତ ଯୀଶୁଖ୍ରୀଷ୍ଟ ଅଟନ୍ତି । ଯାତ୍ରା ୧୪:୧୯, ବିଚାରକର୍ତ୍ତା ୧୩:୬,୯ ଓ ୨ ଶାମୁୟେଲ ୧୪:୧୭,୨୦, ବିଚାରକର୍ତ୍ତା ୨:୧, ଯିଶାଇୟ ୧୪:୧୯ ଓ ଯାତ୍ରା ୨, ଯିଶାଇୟ ୬୩:୭-୧୦ ପଦଗୁଡ଼ିକ ପଢ଼ନ୍ତୁ ।

ପୁରାତନ ନିୟମର ଅନେକ ପଦ ଯାହା ନୂତନ ନିୟମରେ ସଫଳ ହୁଏ : ଯିଶାଇୟ ୪୦:୩, ମାଥିଉ ୩:୩, ଯୋହନ ୧:୨୪, ଗୀତ ୨୪:୯,୧୦ ଓ ୧ମ କରିନ୍ଥୀ ୨:୮, ଯାକୁବ ୨:୧, ଯିରିମିୟ ୨୩:୫ ଏବଂ ୧ମ କରିନ୍ଥୀ ୧:୩୦, ଯିଶାଇୟ ୮:୧୩,୧୪ ଓ ୧ମ ପିତର ୨:୭,୮, ଗୀତ ୧୧୦:୧ ଓ ପ୍ରେରିତ ୨:୩୪-୩୬ ମଲାଖି ୩:୧ ଏବଂ ଲୂକ ୧:୭୬ ଓ ଯୋହନ ୧:୩୦, ଯୋୟେଲ ୨:୩୨ ଓ ୧ମ କରିନ୍ଥୀ ୧:୨, ଗୀତ ୪୫:୧,୬,୭ ଏବଂ ଏବ୍ରୀ ୧:୮, ଗୀତ ୧୦୨, ୨୫-୨୭ ଏବଂ ଏବ୍ରୀ ୧:୧୦, ଯିଶାଇୟ ୫୨:୪ ଓ ୧ମ ପିତର ୧:୧୦ ।

ମାଥିଉ ପ୍ରଥମ ଅଧ୍ୟାୟରେ ଏପରି ଲେଖାଯାଏ, ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ଏହି

...ରେ ହେଲା । ତାହାଙ୍କ ମାତା ମରିୟମଙ୍କର ଯୋସେଫଙ୍କ ସହିତ ବିବାହ ନିର୍ବନ୍ଧ ହେଲା ପରେ ସେମାନଙ୍କ ସହବାସ ପୂର୍ବେ ସେ ପବିତ୍ର ଆତ୍ମାଙ୍କ କର୍ତ୍ତୃକ ଗର୍ଭବତୀ ହୋଇଅଛନ୍ତି ବୋଲି ଜଣାପଡ଼ିଲା । ଏଥିରେ ତାଙ୍କ ସ୍ୱାମୀ ଯୋସେଫ ଧାର୍ମିକ ଥିବାରୁ ଏବଂ ତାଙ୍କୁ ପ୍ରକାଶରେ ନିନ୍ଦାର ପାତ୍ର କରିବାକୁ ଇଚ୍ଛା ନକରିବାରୁ ଗୋପନରେ ତାଙ୍କୁ ପରିତ୍ୟାଗ କରିବାକୁ ସ୍ଥିର କଲେ । କିନ୍ତୁ ସେ ମନସ୍ଥ କଲା ପରେ, ଦେଖ ପ୍ରଭୁଙ୍କର ଜଣେ ଦୂତ ସ୍ୱପ୍ନରେ ତାଙ୍କୁ ଦର୍ଶନ ଦେଇ କହିଲେ, ହେ ଦାଉଦଙ୍କ ସନ୍ତାନ ଯୋସେଫ, ତୁମଭର ଭାର୍ଯ୍ୟା ମରିୟମଙ୍କୁ ଗ୍ରହଣ କରିବାକୁ ଭୟ କର ନାହିଁ, କାରଣ ତାଙ୍କ ଗର୍ଭ ପବିତ୍ର ଆତ୍ମାଙ୍କ କର୍ତ୍ତୃକ ହୋଇଅଛି, ସେ ପୁତ୍ର ପ୍ରସବ କରିବେ, ଆଉ ତୁମ୍ଭେ ତାହାଙ୍କ ନାମ ଯୀଶୁ ଦେବ, କାରଣ ସେ ଆପଣା ଲୋକଙ୍କୁ ସେମାନଙ୍କର ସମସ୍ତ ପାପରୁ ପରିତ୍ରାଣ କରିବେ । ଭାବବାଦୀଙ୍କ ଦ୍ୱାରା ପ୍ରଭୁଙ୍କ ଉକ୍ତ ଏହି ବାକ୍ୟ ଯେପରି ସଫଳ ହୁଏ, ଏଥି ନିମନ୍ତେ ଏ ସମସ୍ତ ଘଟିଲା । ଦେଖ, ଜଣେ କନ୍ୟା ଗର୍ଭବତୀ ହୋଇ ପୁତ୍ର ପ୍ରସବ କରିବେ, ଆଉ ଲୋକେ ତାହାଙ୍କ ନାମ ଇମ୍ମାନୁୟେଲ୍ ଦେବେ । ଏହି ନାମର ଅର୍ଥ, ଆମ୍ଭମାନଙ୍କ ସହିତ ଈଶ୍ୱର । ଏଥିରେ ଯେସେଫ ନିଦ୍ରାରୁ ଉଠି ପ୍ରଭୁଙ୍କ ଦୂତ ତାଙ୍କୁ ଯେପରି ଆଜ୍ଞା ଦେଇଥିଲେ, ସେହିପରି କଲେ ଓ ନିଜ ଭାର୍ଯ୍ୟାଙ୍କୁ ଗ୍ରହଣ କଲେ । କିନ୍ତୁ ସେ ପୁତ୍ର ପ୍ରସବ ନ କରିବା ପର୍ଯ୍ୟନ୍ତ ତାଙ୍କ ସହବାସ କଲେ ନାହିଁ, ଆଉ ସେ ପୁତ୍ରଙ୍କ ନାମ ଯୀଶୁ ଦେଲେ । (ମାଥିଉ ୧:୧୮-୨୫) । ଏହି ବିଷୟ ଲୂକଙ୍କ ଲିଖିତ ସୁସମାଚାର ପ୍ରଥମ ଓ ଦ୍ୱିତୀୟ ଅଧ୍ୟାୟରେ ପଢ଼ିଥାଉଁ ।

ପୁରାତନ ନିୟମରେ ଯୀଶୁ ଓ ତାହାଙ୍କ ସ୍ଥାପିତ ବିଷୟକୁ ଅନେକ ଭାବବାଣୀ ଲିଖିତ ହୋଇଅଛି । "ପୁଣି, ସେହି ରାଜଗଣର ସମୟରେ ସ୍ୱର୍ଗସ୍ଥ ପରମେଶ୍ୱର ଗୋଟିଏ ରାଜ୍ୟ ସ୍ଥାପନ କରିବେ, ତାହା କଦାଚ ବିନଷ୍ଟ ହେବ ନାହିଁ କି ଅବା ତହିଁର ଆଧିପତ୍ୟ ଅନ୍ୟ ଗୋଷ୍ଠୀର ହସ୍ତରେ ଛଡ଼ା ଯିବ ନାହିଁ, ମାତ୍ର ତାହା ଏହିସବୁ ରାଜ୍ୟକୁ ଖଣ୍ଡ ଖଣ୍ଡ ଓ ନଷ୍ଟ କରି ଆପେ ଚିରସ୍ଥାୟୀ ହେବ ।" (ଦାନିୟେଲ ୨:୪୪) ସେହି ସ୍ୱର୍ଗରାଜ୍ୟ ବିଷୟରେ ମାଥିଉ ୩:୧-୩ ପଦରେ କୁହାଯାଏ, "ସେହି କାଳରେ ବାପ୍ତିଜକ ଯୋହନ ଉପସ୍ଥିତ ହୋଇ ଯିହୂଦା ପ୍ରଦେଶର ପ୍ରାନ୍ତରରେ ଘୋଷଣା କରିବାକୁ ଲାଗିଲେ, ମନ ପରିବର୍ତ୍ତନ କର, କାରଣ ସ୍ୱର୍ଗରାଜ୍ୟ ସନ୍ନିକଟ । ଯିଶାଇୟ ଭାବବାଦୀଙ୍କ ଦ୍ୱାରା ଯାହାଙ୍କ ବିଷୟରେ ଏହି ବାକ୍ୟ ଉକ୍ତ ହୋଇଥିଲା, ସେହି ବ୍ୟକ୍ତି ପ୍ରାନ୍ତରରେ ଉଚ୍ଚ ଶବ୍ଦ କରୁଥିବା ଜଣକର ସ୍ୱର ପ୍ରଭୁଙ୍କ ପଥ ପ୍ରସ୍ତୁତ କର, ତାହାଙ୍କ ରାଜଦଣ୍ଡ ସଳଖ କର ।" ମାଥିଉ ୧୬:୧୭,୧୮ ପଦରେ ଖ୍ରୀଷ୍ଟ ଆପଣା ମଣ୍ଡଳୀ ତୋଳିବି ବୋଲି କହିଥିଲେ ଓ କଳସୀ

୧:୧୩,୧୪ରେ ପାଉଲ, ଈଶ୍ୱର ଆମ୍ଭମାନଙ୍କୁ ଅନ୍ଧକାରର କ୍ଷମତାରୁ ଉଦ୍ଧାର କରି ଆପଣା ପ୍ରେମପାତ୍ର ପୁତ୍ରଙ୍କ ରାଜ୍ୟ ମଧ୍ୟକୁ ଅର୍ଥାତ୍ ମଣ୍ଡଳୀରେ ସଦାପ୍ରଭୁ ଆମ୍ଭମାନଙ୍କୁ ସ୍ଥାନାନ୍ତର କରିଅଛନ୍ତି ।

ଯୀଶୁ କିପରି ପରୀକ୍ଷିତ ହୋଇ ପାପ କରିନଥିଲେ ଆମ୍ଭେମାନେ ମାଥିଉ, ମାର୍କ, ଲୂକ ଓ ଯୋହନ ସୁସମାଚାରରେ ପଢ଼ିଥାଉଁ । ଅନେକ ଆଶ୍ଚର୍ଯ୍ୟକର୍ମ ଦ୍ୱାରା ସେ ଆପଣାକୁ ଈଶ୍ୱରଙ୍କ ପୁତ୍ର ରୂପେ ପ୍ରମାଣିତ କରିଥିଲେ । ସେ ରୋଗୀମାନଙ୍କୁ ସୁସ୍ଥ କରିଥିଲେ, ଦୁଷ୍ଟ ଆତ୍ମା ତଡ଼ି ଦେଇଥିଲେ, ମୃତ ବ୍ୟକ୍ତିମାନଙ୍କୁ ଜୀବନ ଦେଇଥିଲେ । ନୀକଦୀମ ବିଷୟରେ କହିଲେ,"..........ହେ ଗୁରୁ, ଆପଣ ଯେ ଈଶ୍ୱରଙ୍କ ଠାରୁ ଆଗତ ଗୁରୁ ଏହା ଆମ୍ଭେମାନେ ଜାଣୁ, କାରଣ ଆପଣ ଏହି ଯେଉଁ ସମସ୍ତ ଆଶ୍ଚର୍ଯ୍ୟ କର୍ମ କରୁଅଛନ୍ତି, ଈଶ୍ୱର ସାଙ୍ଗରେ ନଥିଲେ କେହି କରିପାରେ ନାହିଁ ।

ଯଦିଓ ଯୀଶୁଖ୍ରୀଷ୍ଟ ଏହି ଜଗତରେ ଶୁଦ୍ଧ, ପବିତ୍ର ଜୀବନଯାପନ କରିଥିଲେ, ତଥାପି ଏ ଜଗତରେ ତାହାଙ୍କ ଅନେକ ଶତ୍ରୁ ଥିଲେ । ତାହାଙ୍କୁ ଠାରେ ବିଶ୍ୱାସ ନକରି, ଅନେକ ଇର୍ଷା କରୁଥିଲେ । ଯିହୂଦୀ ନେତାମାନେ ତାହାଙ୍କ ବିଦ୍ରୋହ କରି ତାହାଙ୍କ ଅନୁଚରମାନଙ୍କୁ କ୍ଲେଶ ଦେଉଥିଲେ । ସେମାନେ ତାହାଙ୍କୁ କ୍ରୁଶରେ ହତ କରିଥିବାର ଘଟଣାଗୁଡ଼ିକ ମାଥିଉ ୨୬-୨୮ ପର୍ବଗୁଡ଼ିକରେ ପଢ଼ିପାରୁ । ଯଦିଓ ସେ କ୍ରୁଶରେ ହତ ହୋଇ ସମାଧିପ୍ରାପ୍ତ ହେଲେ, ତାହାଙ୍କ ପ୍ରତିଜ୍ଞାନୁଯାୟୀ ସେ ତୃତୀୟ ଦିନରେ ମୃତ୍ୟୁରୁ ପୁନଃରୁତ୍ଥିତ ହେଲେ । ଚାଳିଶି ଦିନ ପରେ ସେ ରାଜାମାନଙ୍କ ରାଜା ଓ ପ୍ରଭୁମାନଙ୍କ ପ୍ରଭୁ ରୂପେ ରାଜତ୍ୱ କରିବା ନିମନ୍ତେ ଆପଣା ସ୍ୱର୍ଗୀୟ ପିତାଙ୍କ ନିକଟକୁ ବାହୁଡ଼ିଗଲେ । (ପ୍ରେରିତ ୧:୭-୧୧)

ଏତଦ୍ୱାରା ସମସ୍ତ ସମାପ୍ତ ହୋଇନାହିଁ । ଯୀଶୁଖ୍ରୀଷ୍ଟ ଏହି ଜଗତ ନିମନ୍ତେ ଆପଣା ପ୍ରାଣ ଅର୍ପଣ କରିଥିଲେ, ଯେଉଁମାନେ ତାହାଙ୍କ ଠାରେ ବିଶ୍ୱାସ କରି ତାହାଙ୍କ ଆଜ୍ଞାବହ ହୁଅନ୍ତି ସେମାନଙ୍କୁ ସେ ରକ୍ଷା କରନ୍ତି (ଯୋହନ ୩:୧୬,୧୭, ମାର୍କ ୧୬:୧୬, ପ୍ରେରିତ ୨:୩୮, ୪୭) ବିଶ୍ୱସ୍ତ ଖ୍ରୀଷ୍ଟିୟାନମାନଙ୍କୁ ତାହାଙ୍କ ନିକଟକୁ ଘେନିଯିବା ନିମନ୍ତେ ସେ ଏହି ଜଗତକୁ ପୁନଃର୍ବାର ଫେରି ଆସୁଅଛନ୍ତି । (ପ୍ରେରିତ ୨୨:୧୪, ୨:୧୦) ଆପଣ କି ଖ୍ରୀଷ୍ଟଙ୍କ ବିଷୟ ଜ୍ଞାତ ହୋଇ ତାହାଙ୍କ ଆଜ୍ଞାଳନ କରି ଆପଣା ଆତ୍ମା ରକ୍ଷା କରିବାକୁ ଚାହାନ୍ତି ?

***J.C. Choate***

❋❋❋

# ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟାନ
## (The Christian of first century)

ଖ୍ରୀଷ୍ଟ ଜନ୍ମ ୩୩ ବର୍ଷରେ ଯିରୁଶାଲମରେ ପେଣ୍ଟିକଷ୍ଟ ଦିନରେ ଖ୍ରୀଷ୍ଟଙ୍କ ମଣ୍ଡଳୀ ସ୍ଥାପିତ ହୋଇଥିଲା । ସେଦିନ ପିତରଙ୍କ ବାକ୍ୟ ପ୍ରଚାର ଫଳେ ତିନି ସହସ୍ର ଲୋକେ ବାପ୍ତିଜିତ ହୋଇ ମଣ୍ଡଳୀରେ ଯୋଗ କରାଗଲେ । ଯିରୁଶାଲମର ସ୍ଥାପିତ ଆଦି ମଣ୍ଡଳୀ ଦିନ ପ୍ରତିଦିନ ଆତ୍ମିକତାରେ ଓ ସଂଖ୍ୟାରେ ବୃଦ୍ଧି ପାଇଥିଲା । "ସେମାନେ ପ୍ରେରିତମାନଙ୍କର ଶିକ୍ଷାରେ, ସହଭାଗିତାରେ, ରୋଟି ଭାଙ୍ଗିବାରେ ଓ ପ୍ରାର୍ଥନା କରିବାରେ ନିବିଷ୍ଟ ଚିତ୍ତ ହୋଇ ରହିଲେ ।" (ପ୍ରେରିତ ୨:୪୨) ବୋଲି ଲେଖାଯାଏ । ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ରହିଲେ ଆମ୍ଭେମାନେ ପ୍ରତ୍ୟେକ ଜୀବନରୂପ ମୁକୁଟ ପାଇବୁ । ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ରହିବା ନିମନ୍ତେ ଆମ୍ଭମାନଙ୍କୁ ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟାନ ମାନଙ୍କ ସଦୃଶ୍ୟ ବାଇବଲର ଶିକ୍ଷାରେ, ସହଭାଗିତାରେ ରୋଟି ଭାଙ୍ଗିବାରେ ଓ ପ୍ରାର୍ଥନା କରିବାରେ ନିବିଷ୍ଟ ଚିତ୍ତ ହୋଇ ରହୁ ।

ଯୀଶୁଖ୍ରୀଷ୍ଟ ସ୍ୱର୍ଗାରୋହଣ କରିବା ପୂର୍ବେ ଶିଷ୍ୟମାନଙ୍କୁ କହିଲେ,"......ସ୍ୱର୍ଗ ଓ ପୃଥିବୀର ସମସ୍ତ ଅଧିକାର ମୋତେ ପ୍ରଦତ୍ତ ହୋଇଅଛି । ଅତଏବ ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ, ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି, ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର,........" (ମାଥିଉ ୨୮:୧୮-୨୦) ବାପ୍ତିଜିତ ହେବା ପୂର୍ବରୁ, ବାପ୍ତିଜିତ ହେବା ପରେ ଆମ୍ଭେମାନେ ବାକ୍ୟ ଶିକ୍ଷା କରୁ । ପ୍ରେରିତମାନେ ଯୀଶୁଙ୍କ ସହିତ ୩ ½ ବର୍ଷ ପରମେଶ୍ୱରଙ୍କ ସେବାକାର୍ଯ୍ୟରେ ରହି ଅନେକ ବିଷୟ ଶିକ୍ଷା କରୁଥିଲେ । ତାହାଙ୍କ ଶିକ୍ଷା ଆପଣାର ନୁହେଁ କିନ୍ତୁ ପିତାଙ୍କ ଠାରୁ ବୋଲି ଯୀଶୁ କହିଥିଲେ । ପ୍ରେରିତମାନଙ୍କ ଶିକ୍ଷା ଯାହାକି ଯୀଶୁଖ୍ରୀଷ୍ଟଙ୍କ ଠାରୁ ପ୍ରାପ୍ତ ହୋଇଥିଲେ, ତାହା ଆମ୍ଭେମାନେ ନୂତନ ନିୟମରେ ପଢ଼ିଥାଉଁ । "ପ୍ରେରିତମାନଙ୍କ ଶିକ୍ଷାରେ ନିବିଷ୍ଟ" ରହିବା ନିମନ୍ତେ ବାଇବଲର ବାକ୍ୟରେ ନିବିଷ୍ଟ ରହୁ । ଯୋହନ କହନ୍ତି,"ଯେକେହି ଖ୍ରୀଷ୍ଟଙ୍କ ଶିକ୍ଷାର ସୀମା ମଧ୍ୟରେ ନରହି ତାହା ଅତିକ୍ରମ କରେ, ସେ ଈଶ୍ୱରଙ୍କୁ ପାଇନାହିଁ, ଯେ ଶିକ୍ଷାର ସୀମା ମଧ୍ୟରେ ରହେ, ସେ ପିତା ଓ ପୁତ୍ର ଉଭୟଙ୍କୁ ପାଇଅଛି ।" (୨ୟ ଯୋହ ୯) "ମୁଁ ଯେମନ୍ତ ତୁମ୍ଭ ବିରୁଦ୍ଧରେ ପାପ ନକରେ, ଏଥିପାଇଁ ମୁଁ ଆପଣା

ହୃଦୟ ମଧ୍ୟରେ ତୁମ୍ଭର ବାକ୍ୟ ସଞ୍ଚୟ କରି ରଖିଅଛି ବୋଲି ଦାଉଦଙ୍କ ଏହି ପ୍ରାର୍ଥନା ଗୀତ ୧୧୯:୧୧ ପଦରେ ପଢ଼ିଥାଉଁ ।

ଦ୍ୱିତୀୟରେ, ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟାନମାନେ ସହଭାଗିତାରେ ନିବିଷ୍ଟ ଥିଲେ । ସହଭାଗିତାର ଅର୍ଥ ଏକ ଆରେକ ଶାନ୍ତି, ସମାଧାନ ଓ ଐକ୍ୟତାରେ ବାସ କରିବା । ମନୁଷ୍ୟ ସାମାଜିକ ପ୍ରାଣୀ । ଏକାନ୍ତତା ସେ ଭୟ କରେ । ଆକାଶର ପକ୍ଷୀ କିଅବା ଜଙ୍ଗଲର ପଶୁ ସମସ୍ତେ ଦଳ ଦଳ ଭାବେ ଜୀବନଯାପନ କରନ୍ତି । ଆମ୍ଭମାନଙ୍କ ଜୀବନ ଓ ସ୍ଥିତି ଏକ ଆରେକ ଉପରେ ନିର୍ଭର କରେ । ଆଦିମାତା ଏକାନ୍ତ ଥିବା ସମୟରେ ଶୟତାନର ପ୍ରଲୋଭନରେ ପ୍ରଲୋଭିତ ହୋଇଥିଲେ । ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟାନମାନଙ୍କ ମଧ୍ୟରେ ସହଭାଗିତା ଥିବାରୁ, ସେମାନେ ଆତ୍ମିକ ଭାବେ ଅଭିବୃଦ୍ଧି ପାଇଥିଲେ, "ମାତ୍ର ଯେଉଁମାନେ ବିଶ୍ୱାସ କଲେ, ସେମାନେ ସମସ୍ତେ ଏକତ୍ର ରହି ସବୁ ପଦାର୍ଥ ସାଧାରଣ ସମ୍ପତ୍ତି ବୋଲି ଜ୍ଞାନ କରୁଥିଲେ....., ଆଉ ସେମାନେ ଏକଚିତ୍ତ ହୋଇ ପ୍ରତିଦିନ ମନ୍ଦିରରେ ସମବେତ ହୋଇ ରହୁଥିଲେ ଓ ଘରେ ଘରେ ରୋଟି ଭାଙ୍ଗି ଆନନ୍ଦରେ ଓ ସରଳ ହୃଦୟରେ ଭୋଜପାନ କରି ଈଶ୍ୱରଙ୍କ ପ୍ରଶଂସା କରୁଥିଲେ ।" (ପ୍ରେରିତ ୨:୪୪-୪୬) । ସାଧୁମାନଙ୍କ ସହିତ ସହଭାଗିତା ଆମ୍ଭମାନଙ୍କୁ ବଳବାନ କରେ, କିନ୍ତୁ ଦୁଷ୍ଟ ସହିତ ସହଭାଗିତା ଆମ୍ଭମାନଙ୍କ ଜୀବନ ନଷ୍ଟ କରେ । "ଯେଉଁମାନେ ଦୁଷ୍ଟମାନଙ୍କ ମନ୍ତ୍ରଣାରେ ଚାଲେ ନାହିଁ, ଅବା ପାପୀମାନଙ୍କ ମାର୍ଗରେ ଠିଆ ହୁଏ ନାହିଁ, କିଅବା ନିନ୍ଦକମାନଙ୍କ ସଭାରେ ବସେ ନାହିଁ" ଏପରି ଲୋକ ଧନ୍ୟ ବୋଲି ଗୀତ ସଂହିତା ୧:୧ ପଦରେ ପଢ଼ିଥାଉଁ । ପ୍ରେରିତ ପାଉଲ କରିନ୍ଥୀ ମଣ୍ଡଳୀକୁ ଲେଖନ୍ତି, "ଭ୍ରାନ୍ତ ନ ହୁଅ, କୁସଂସର୍ଗ, ଶିଷ୍ଟାଚାର ନଷ୍ଟ କରେ ।" (୧ମ କରିନ୍ଥୀ ୧୫:୩୩) "ଅବିଶ୍ୱାସୀମାନଙ୍କ ସହିତ ଅସମାନରୂପେ ଯୋଚା ନଯାଅ, କାରଣ ଧର୍ମ ଓ ଅଧର୍ମ ମଧ୍ୟରେ କି ସହଭାଗିତା ? ଅବା ଅନ୍ଧକାର ସହିତ ଆଲୋକର କି ସହଭାଗିତା ?" (୨ୟ କରିନ୍ଥୀ ୬:୧୪) । ଆମ୍ଭେମାନେ ଯେବେ ଜ୍ୟୋତିରେ ଆଚରଣ କରୁ, ତେବେ ଆମ୍ଭମାନଙ୍କ ପରସ୍ପର ସହଭାଗିତା ଅଛି (୧ମ ଯୋହନ ୧:୭) ଖ୍ରୀଷ୍ଟିୟାନମାନଙ୍କ ସହଭାଗିତା ଆମ୍ଭମାନଙ୍କ ଆତ୍ମିକ ଜୀବନ ଗଠନର ସାହାଯ୍ୟ କରେ, ଦୁଷ୍ଟମାନଙ୍କ ସହଭାଗିତା ଆମ୍ଭମାନଙ୍କ ଜୀବନ ବିନଷ୍ଟ କରେ ।

ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟାନମାନେ ରୋଟି ଭାଙ୍ଗିବାରେ ଅର୍ଥାତ୍ ପ୍ରଭୁଭୋଜ ପାଳନ କରିବାରେ ନିବିଷ୍ଟ ଚିତ୍ତ ଥିଲେ । ଆମ୍ଭେମାନେ କେଉଁଠାରେ ପ୍ରଭୁଭୋଜ

ପାଳନ କରିଥାଉଁ ? ମଣ୍ଡଳୀ ଉପାସନାରେ ଅର୍ଥାତ୍ ସେମାନେ ମଣ୍ଡଳୀ ଉପାସନା ଯୋଗଦାନ କରିବାରେ କେବେ ବି ଅବହେଳା କରୁନଥିଲେ । ଏବ୍ରୀ ପୁସ୍ତକକର୍ତ୍ତା ଲେଖନ୍ତି, "ଆଉ କେହି କେହି ଯେପରି ମଣ୍ଡଳୀ ଉପାସନା ପରିତ୍ୟାଗ କରିଥାଆନ୍ତି, ଆମ୍ଭେମାନେ ସେପରି ନକରୁ, ବରଂ ପରସ୍ପରକୁ ଉତ୍ସାହ ଦେଉ, ବିଶେଷତଃ ଯେତେବେଳେ ତୁମ୍ଭେମାନେ ପ୍ରଭୁଙ୍କ ଦିନ ନିକଟବର୍ତ୍ତୀ ହୋଇ ଆସୁଅଛି ବୋଲି ଦେଖୁଅଛ ।" (ଏବ୍ରୀ ୧୦:୨୫) ପ୍ରଭୁଭୋଜରେ ଭାଗୀ ହୋଇ, ଆମ୍ଭମାନଙ୍କ ପାପ ନିମନ୍ତେ ଖ୍ରୀଷ୍ଟଙ୍କ ବଳିଦାନ ଦାନ ସ୍ମରଣ କରୁ ।

ପ୍ରଥମ ଶତାବ୍ଦୀ ଖ୍ରୀଷ୍ଟିୟାନମାନେ ପ୍ରାର୍ଥନାରେ ନିବିଷ୍ଟ ଚିତ୍ତ ରହୁଥିଲେ । ପ୍ରାର୍ଥନା ଦ୍ୱାରା ଆମ୍ଭେମାନେ ପରମେଶ୍ୱରଙ୍କ ସହିତ କଥା କହିଥାଉଁ । ଏହା ଏକ ଅନୁଗ୍ରହ ଦାନ । ଆମ୍ଭମାନଙ୍କ ଜୀବନରେ ପରମେଶ୍ୱର କରିଥିବା ପ୍ରତ୍ୟେକ ମଙ୍ଗଳଦାନ ନିମନ୍ତେ ତାହାଙ୍କୁ ଧନ୍ୟବାଦ ଦେଉ । ଆମ୍ଭମାନଙ୍କ ଆବଶ୍ୟକୀୟ ବିଷୟ ସବୁ ତାହାଙ୍କ ନିକଟରେ ବିନତି କରୁ । ଆଦମଙ୍କ ପୁତ୍ର ଶେଥ ସମୟରୁ ମନୁଷ୍ୟମାନେ ପ୍ରାର୍ଥନା କରିବା ଆରମ୍ଭ କରିଥିଲେ, (ଆଦି ୪:୨୬) । ଅବ୍ରାହମ, ଇସ୍‌ହାକ, ଯାକୁବଙ୍କ ପ୍ରାର୍ଥନା ଜୀବନ ବିଷୟରେ ଆମ୍ଭେମାନେ ଆଦିପୁସ୍ତକରେ ପଢ଼ିଥାଉଁ । ହାନ୍ନା ପ୍ରାର୍ଥନା ବଳରେ ଶାମୂୟେଲଙ୍କୁ ପ୍ରାପ୍ତ ହୋଇଥିଲେ । ଦାଉଦଙ୍କ ପ୍ରାର୍ଥନା ବିଷୟରେ ଗୀତ ସଂହିତାରେ ପଢ଼ିଥାଉଁ । (ଗୀତ ୪୨:୮ ଓ ୫୫:୧୭ ପଦ ପଢ଼ନ୍ତୁ) ଦାନିୟେଲ ଦିନକୁ ତିନିଥର ପ୍ରାର୍ଥନା କରୁଥିଲେ ବୋଲି ବାକ୍ୟରେ ପଢ଼ିଥାଉ । ପ୍ରତ୍ୟେକ ବିଶ୍ୱାସର ଯୋଦ୍ଧା ପ୍ରାର୍ଥନାର ବୀର ଅଟନ୍ତି ।

ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର ଯୀଶୁଖ୍ରୀଷ୍ଟ ଦିବାରାତ୍ର ପ୍ରାର୍ଥନା କରୁଥିଲେ । ସମସ୍ତ ଲୋକ ବାପ୍ତିଜିତ ହେଲା ଉତ୍ତାରେ ଯୀଶୁ ମଧ୍ୟ ବାପ୍ତିଜିତ ହୋଇ ପ୍ରାର୍ଥନା କରୁଥିବା ସମୟରେ ଆକାଶ ଉନ୍ମୁକ୍ତ ହେଲା ।" (ଲୂକ ୩:୨୧) ଦ୍ୱାଦଶ ଶିଷ୍ୟମାନଙ୍କୁ ମନୋନୀତ କରିବା ପୂର୍ବ ରାତ୍ରୀ ସେ ପ୍ରାର୍ଥନାରେ ରାତ୍ରୀ ଯାପନ କରିଥିଲେ । (ଲୂକ ୬:୧୨-୧୩) । ସେ ପାହାନ୍ତିଆ ସମୟରେ ଅନ୍ଧାର ଥାଉ ଥାଉ ଉଠି ନିର୍ଜନ ସ୍ଥାନକୁ ଯାଇ ପ୍ରାର୍ଥନା କରୁଥିଲେ (ମାର୍କ ୧:୩୫) । ବେଳେ ବେଳେ ସେ ଦିନ ସାରା ପ୍ରାର୍ଥନାରେ ବିତାଉଥିଲେ । "ସେମାନଙ୍କ ଠାରୁ ବିଦାୟ ନେଲା ଉତ୍ତାରେ ସେ ପ୍ରାର୍ଥନା କରିବା ନିମନ୍ତେ ପର୍ବତକୁ ଗଲେ । ସନ୍ଧ୍ୟା ହେବା ପରେ......" (ମାର୍କ ୬:୪୫-୪୬) ଯୀଶୁଖ୍ରୀଷ୍ଟ ଏକାନ୍ତଭାବେ, ପର୍ବତ ଉପରେ, ଗେଥସମନୀ ତୋଟାରେ, ଆପଣା ପିତା ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଥିବା ବାକ୍ୟରେ ପଢ଼ିଥାଉଁ ।

ଆମ୍ଭେମାନେ ବ୍ୟକ୍ତିଗତ, ପାରିବାରିକ, ସାମୁହିକ ପ୍ରାର୍ଥନା ଆବଶ୍ୟକ କରୁ । ପରିବାରର ପ୍ରତ୍ୟେକ ବ୍ୟକ୍ତି ନିମନ୍ତେ, ମଣ୍ଡଳୀର ସଭ୍ୟମାନଙ୍କ ନିମନ୍ତେ, ଦେଶର ଅଧିପତିମାନଙ୍କ ନିମନ୍ତେ ପ୍ରାର୍ଥନା କରୁ । (୧ମ ତୀମଥି ୨:୧) । ଧାର୍ମିକ ଆୟୁବ ପ୍ରତିଦିନ ଆପଣା ସନ୍ତାନସନ୍ତତିମାନଙ୍କ ନିମନ୍ତେ ପ୍ରାର୍ଥନା କରୁଥିଲେ । ପିତର କାରାଗାରରେ ରୁଦ୍ଧ ହେବା ସମୟରେ ମଣ୍ଡଳୀ ତାହାଙ୍କ ନିମନ୍ତେ ପ୍ରାର୍ଥନା କରୁଥିଲେ । (ପ୍ରେରିତ ୧୨:୫) । ଯେଉଁମାନେ ସୁସମାଚାର ପ୍ରଚାର କରନ୍ତି ସେମାନଙ୍କ ନିମନ୍ତେ ପ୍ରାର୍ଥନା କରୁ । (୨ୟ ତୀମଥି ୩:୧,୨) । ଦୁଃଖ, ରୋଗରେ ପୀଡ଼ିତ ଲୋକମାନଙ୍କ ନିମନ୍ତେ ପ୍ରାର୍ଥନା କରୁ । ଯୀଶୁ କହିଲେ,"ତୁମ୍ଭମାନଙ୍କ ମଧ୍ୟରେ ଏପରି କେଉଁ ଲୋକ ଅଛି, ଯେ ନିଜ ପୁଅ ରୋଟି ମାଗିଲେ ତାହାକୁ ପଥର ଦେବ, କିଅବାମାଛ ମାଗିଲେ ତାହାକୁ ପଥର ଦେବ, କିଅବା ମାଛ ମାଗିଲେ ସାପ ଦେବ ? ଏଣୁ ତୁମ୍ଭେମାନେ ଦୁଷ୍ଟ ହେଲେ ସୁଦ୍ଧା ଯେବେ ଆପଣା ଆପଣା ପିଲାମାନଙ୍କୁ ଉତ୍ତମ ଦାନ ଦେଇ ଜାଣ, ତେବେ ତୁମ୍ଭମାନଙ୍କର ସ୍ୱର୍ଗସ୍ଥ ପିତା ତାହାଙ୍କ ଛାମୁରେ ମାଗିବା ଲୋକମାନଙ୍କୁ କେତେ ଅଧିକ ରୂପେ ଉତ୍ତମ ଉତ୍ତମ ବିଷୟ ନଦେବେ !" (ମାଥିଉ ୭:୯-୧୧)

ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟାନମାନେ ପ୍ରେରିତମାନଙ୍କ ଶିକ୍ଷାରେ, ସହଭାଗିତାରେ, ରୋଟି ଭାଙ୍ଗିବାରେ ପ୍ରାର୍ଥନା କରିବାରେ ନିବିଷ୍ଟ ରହି ଅତ୍ୟଧିକ ଭାବେ ଅଭିବୃଦ୍ଧି ପାଇଥିଲେ, ସେମାନଙ୍କ ଆଦର୍ଶ ଆମ୍ଭମାନେ ଅନୁସରଣ କଲେ ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ଜୀବନଯାପନ କରିବା । କୌଣସି ଗୋଟିଏ ବିଷୟରେ ଅବହେଳା କଲେ, ଆମ୍ଭମାନଙ୍କ ଲକ୍ଷ୍ୟସ୍ଥଳକୁ ପହଞ୍ଚିପାରିବା ନାହିଁ ।

ଆସ, ଆମ୍ଭେମାନେ ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟାନମାନଙ୍କ ଆଦର୍ଶ ଅନୁସରଣ କରି ଆତ୍ମିକତାରେ, ସଂଖ୍ୟାରେ ଅଭିବୃଦ୍ଧି ପାଇବା ।

***Kabita Gootam***

❃❃❃

# "ଆମ୍ଭମାନଙ୍କ ପରି ସୁଖଦୁଃଖଭୋଗୀ ମନୁଷ୍ୟ"
## ("A man just like us")

"ମୁଁ ଜଣେ ମନୁଷ୍ୟ ମାତ୍ର, ମୁଁ କଅଣ କରିପାରେ ?" ଏପରି କି ଆପଣ ମନେ କରୁଅଛନ୍ତି ? ଆପଣ, ଆପେ କୌଣସି ମହାନ କାର୍ଯ୍ୟ ସାଧନ କରିନପାରିଲେ ସୁଦ୍ଧା, ପରମେଶ୍ୱର ଆପଣଙ୍କ ଦ୍ୱାରା ମହାନ କାର୍ଯ୍ୟ ସଧନ କରିପାରନ୍ତି । ସାଧାରଣ ବ୍ୟକ୍ତି ପରମେଶ୍ୱରଙ୍କ ନିମନ୍ତେ କଅଣ ସାଧନ କରିପାରେ ?

"ଏଲିୟ ଆମ୍ଭମାନଙ୍କ ପରି ସୁଖଦୁଃଖଭୋଗୀ ମନୁଷ୍ୟ ଥିଲେ, ବୃଷ୍ଟି ନହେବା ନିମନ୍ତେ ସେ ଏକାଗ୍ର ଚିତ୍ତରେ ପ୍ରାର୍ଥନା କଲେ, ଆଉ ତିନିବର୍ଷ ଛଅମାସ ପର୍ଯ୍ୟନ୍ତ ଦେଶରେ ବୃଷ୍ଟି ହେଲା ନାହିଁ । ଆଉ ପୁନଃର୍ବାର ପ୍ରାର୍ଥନା କରନ୍ତେ ଆକାଶରୁ ବୃଷ୍ଟି ହେଲା, ଆଉ ଭୂମି ଆପଣା ଫଳ ଉତ୍ପନ୍ନ କଲା ।" (ଯାକୁବ ୫:୧୭-୧୮) । ତିନିବର୍ଷ ଛଅମାସ ପର୍ଯ୍ୟନ୍ତ ଏଲିୟଙ୍କ ପ୍ରାର୍ଥନା ଦ୍ୱାରା ତିନିବର୍ଷ ଓ ଛଅମାସ ପର୍ଯ୍ୟନ୍ତ ଆକାଶ ଦ୍ୱାର ରୁଦ୍ଧ ହୋଇଥିଲା । ଇଶ୍ରାଏଲୀୟମାନଙ୍କ ପାପର ପ୍ରତିଫଳେ ସଦାପ୍ରଭୁ ସେମାନଙ୍କୁ ଏହି ପ୍ରତିଫଳ ଦେଇଥିଲେ । ଆହବରାଜାଙ୍କ ପରିପାଳନ ସମୟରେ ସେମାନେ ପରମେଶ୍ୱରଙ୍କ ଅନୁସରଣ ନକରିବାରୁ ପରମେଶ୍ୱର ଆମ୍ଭମାନଙ୍କ ପରି ସୁଖଦୁଃଖ ଭୋଗୀ ମନୁଷ୍ୟ ଦ୍ୱାରା ଆପଣା କାର୍ଯ୍ୟ ସମ୍ପନ୍ନ କରିଥିଲେ ।

".........ହେ ଲୋକମାନଙ୍କର ଅଧ୍ୟକ୍ଷ ଓ ପ୍ରାଚୀନମାନେ ଆଜି ଯଦି ଜଣେ ରୋଗୀ ପ୍ରତି କରାଯାଇଥିବା ଉତ୍ତମ କାର୍ଯ୍ୟ ବିଷୟରେ ଆମ୍ଭମାନଙ୍କୁ ପଚାରାଯାଏ ଯେ, ଏହି ଲୋକ କି ଉପାୟରେ ସୁସ୍ଥ ହୋଇଅଛି, ତାହାହେଲେ ଆପଣମାନେ ସମସ୍ତେ ଓ ସମସ୍ତ ଇଶ୍ରାଏଲ ଲୋକ ଜ୍ଞାତ ହୁଅନ୍ତୁ, ଯେଉଁ ନାଜରତୀୟ ଯୀଶୁଖ୍ରୀଷ୍ଟଙ୍କୁ ଆପଣମାନେ କ୍ରୁଶରେ ବଧ କରିଅଛନ୍ତି, ଯାହାଙ୍କୁ ଈଶ୍ୱର ମୃତ ମାନଙ୍କ ମଧ୍ୟରୁ ଉଠାଇଅଛନ୍ତି, ତାହାଙ୍କ ନାମରେ ହିଁ, ତାହାଙ୍କ ଦ୍ୱାରା ଏହି ଲୋକଟି ସୁସ୍ଥ ହୋଇ ଆପଣମାନଙ୍କ ସାକ୍ଷାତରେ ଠିଆ ହୋଇଅଛି । ଗୃହ ନିର୍ମାଣକାରୀ ଯେ ଆପଣମାନେ, ଆପଣମାନଙ୍କ ଦ୍ୱାରା ଯେଉଁ ପ୍ରସ୍ତର ଅବଜ୍ଞାତ ହୋଇଥିଲା, କିନ୍ତୁ ଯାହା କୋଣର ପ୍ରଧାନ ପ୍ରସ୍ତର ହେଲା, ସେ ସେହି ପ୍ରସ୍ତର । ତାହାଙ୍କ ଛଡ଼ା ଆଉ କାହାଠାରେ ପରିତ୍ରାଣ ନାହିଁ, କାରଣ ଯାହା ଦ୍ୱାରା ଆମ୍ଭମାନଙ୍କୁ ପରିତ୍ରାଣ ପାଇବାକୁ ହେବ, ଆକାଶ ତଳେ ମନୁଷ୍ୟମାନଙ୍କ ମଧ୍ୟରେ ଆଉ କୌଣସି ନାମ ଦିଆଯାଇନାହିଁ ।"

ସେମାନେ ପିତର ଓ ଯୋହନଙ୍କ ସାହସ ଦେଖି ଏବଂ ସେମାନେ ଯେ ଅଶିକ୍ଷିତ

ଓ ଅଜ୍ଞାନ ଲୋକ, ଏହା ବୁଝି ଚମତ୍କୃତ ହେଲେ, ପୁଣି ସେମାନେ ଯୀଶୁଙ୍କ ସଙ୍ଗରେ ଥିଲେ ବୋଲି ସେମାନଙ୍କୁ ଚିହ୍ନିଲେ, ଆଉ ସେହି ସୁସ୍ଥ ହୋଇଥିବା ଲୋକଟିକି ସେମାନଙ୍କ ସଙ୍ଗରେ ଠିଆ ହୋଇଥିବାର ଦେଖି, ବିରୁଦ୍ଧରେ କିଛି କହିପାରିଲେ ନାହିଁ । ପରେ ସେମାନଙ୍କୁ ସଭାରୁ ବାହାରିଯିବାକୁ ଆଜ୍ଞା ଦେଇ ସେମାନେ ପରସ୍ପର ମଧ୍ୟରୁ ପରାମର୍ଶ କରି କହିବାକୁ ଲାଗିଲେ, ଏ ଲୋକଗୁଡ଼ାକ ପ୍ରତି କଅଣ କରିବା ?'' (ପ୍ରେରିତ ୪:୮-୧୫) ଅଶିକ୍ଷିତ ଓ ଅଜ୍ଞାନ ପିତର ଓ ଯୋହନ ଏକ ଖଞ୍ଜ ମନୁଷ୍ୟକୁ ସୁସ୍ଥ କରି ତାହାଙ୍କୁ ପରମେଶ୍ୱରଙ୍କ ଦୟା ଓ ପ୍ରେମ ପ୍ରକଟ କରିଥିଲେ । ଅଧିକାରୀମାନଙ୍କ ପ୍ରଶ୍ନର ଜବାବ ଧୈର୍ଯ୍ୟର ସହିତ କହିଥିଲେ । ସେମାନେ ଯୀଶୁଙ୍କ ସହିତ ଥିଲେ ବୋଲି ଲୋକେ ସେମାନଙ୍କୁ ଚିହ୍ନିଲେ । ଯୀଶୁ ସେମାନଙ୍କୁ ଦୁଃଖୀ ଓ ପୀଡ଼ିତ ମାନଙ୍କର ସାହାଯ୍ୟ କରିବା ନିମନ୍ତେ ଶିକ୍ଷିତ କରିଥିଲେ ।

ଦୁର୍ବଳ ଓ ଅଜ୍ଞାନୀମାନଙ୍କୁ ସଦାପ୍ରଭୁ ତାହାଙ୍କ ସେବା ପରିଚର୍ଯ୍ୟାରେ ବ୍ୟବହାର କରନ୍ତି ବୋଲି ପ୍ରେରିତ ପାଉଲ କରିନ୍ଥୀ ମଣ୍ଡଳୀକୁ ଲେଖନ୍ତି । ''କାରଣ ଖ୍ରୀଷ୍ଟ ମୋତେ ବାପ୍ତିସ୍ମ ଦେବାକୁ ପ୍ରେରଣ କଲେ ନାହିଁ, ମାତ୍ର ସୁସମାଚାର ପ୍ରଚାର କରିବା ନିମନ୍ତେ ପ୍ରେରଣ କଲେ, ତାହା ମଧ୍ୟ ବାକ୍ୟାଡମ୍ବରରେ ନୁହେଁ, କାଳେ ଖ୍ରୀଷ୍ଟଙ୍କ କ୍ରୁଶ ବ୍ୟର୍ଥ ହୁଏ । କାରଣ ବିନାଶ ପ୍ରାପ୍ତ ହେଉଥିବା ଲୋକମାନଙ୍କ ପ୍ରତି କ୍ରୁଶର କଥା ମୂର୍ଖତା ମାତ୍ର କିନ୍ତୁ ପରିତ୍ରାଣ ପ୍ରାପ୍ତ ହେଉଥିବା ଆମ୍ଭମାନଙ୍କ ପ୍ରତି ତାହା ଈଶ୍ୱରଙ୍କ ଶକ୍ତି ଅଟେ । ଯେଣୁ ଲେଖାଅଛି, ''ଆମ୍ଭେ ଜ୍ଞାନୀମାନଙ୍କର ଜ୍ଞାନ ନଷ୍ଟ କରିବା, ଆଉ ବୁଦ୍ଧିମାନମାନଙ୍କର ବୁଦ୍ଧି ଅଗ୍ରାହ୍ୟ କରିବା । ଜ୍ଞାନୀ କାହିଁ ? ଶାସ୍ତ୍ରୀ କାହିଁ ? ଏହି ଯୁଗର ତାର୍କିକ କାହିଁ ? ଈଶ୍ୱର କି ଜଗତର ଜ୍ଞାନକୁ ମୂର୍ଖତା ବୋଲି ପ୍ରକାଶ କରିନାହାନ୍ତି ? କାରଣ ଈଶ୍ୱରଙ୍କ ଜ୍ଞାନ ପ୍ରକାଶିତ ହୋଇଥିଲେ ହେଁ ଜଗତ ନିଜ ଜ୍ଞାନ ଦ୍ୱାରା ଈଶ୍ୱରଙ୍କୁ ନ ଜାଣିବାରୁ ପ୍ରଚାରିତ ପ୍ରସଙ୍ଗର ମୂର୍ଖତା ଦ୍ୱାରା ବିଶ୍ୱାସୀମାନଙ୍କୁ ପରିତ୍ରାଣ କରିବା ପାଇଁ ଈଶ୍ୱର ସନ୍ତୁଷ୍ଟ ହେଲେ,........ଯେଉଁ ଈଶ୍ୱରଙ୍କ ମୂର୍ଖ ବିଷୟ ମନୁଷ୍ୟ ବଳ ଅପେକ୍ଷା ଅଧିକ ବଳବାନ ।'' (୧ମ କରିନ୍ଥୀ ୧:୧୭-୨୧ ଓ ୨୫ ପଦ) । ଆପଣ ଯଦି ଏକ ସାଧାରଣ ବ୍ୟକ୍ତି ବୋଲି ଆପଣା ବିଷୟରେ ମନେ କରୁଅଛନ୍ତି । ଆପଣଙ୍କ ଦ୍ୱାରା ସଦାପ୍ରଭୁ ଅନେକ ମହତ କାର୍ଯ୍ୟ ସାଧନ କରିପାରିବେ ! ସଦାପ୍ରଭୁଙ୍କ ମହତ କାର୍ଯ୍ୟରେ ବ୍ୟବହୃତ ହେବା ନିମନ୍ତେ ତାହାଙ୍କ ହସ୍ତତଳେ ଆପଣା ଆପଣାକୁ ସମର୍ପଣ କର ।

***K.S. Swamidass***

❋ ❋ ❋

# ସଦାପ୍ରଭୁଙ୍କ ସଂକଳ୍ପିତ ସ୍ତ୍ରୀ
## (God's plan for woman)

ମନୁଷ୍ୟ ଏକାକୀ ଥିବା ଭଲ ନୁହେଁ ବୋଲି ସଦାପ୍ରଭୁ ଜାଣି, ତାହାର ଅନୁରୂପ ସହକାରିଣୀ ରୂପେ ନାରୀକୁ ନିର୍ମାଣ କଲେ । ନର ଓ ନାରୀ ଆମ୍ଭମାନଙ୍କ ସୁପରିଚିତ ଆମ୍ଭମାନଙ୍କ ଆଦିମାତା ମାତାଙ୍କ ନାମ ଆଦମ ଓ ହବା । ସେମାନେ ସଦାପ୍ରଭୁଙ୍କ ଆଜ୍ଞାଲଂଘନ କରିବାରୁ ଏହି ଜଗତରେ ପାପ ଓ ମୃତ୍ୟୁ ପ୍ରବେଶ କଲା । ଶୟତାନର ପ୍ରଲୋଭନରେ ନାରୀ ପ୍ରଲୋଭିତ ହୋଇ ପ୍ରଥମେ ପାପ କରିଥିଲେ ସୁଦ୍ଧା ସଦାପ୍ରଭୁ ନାରୀକୁ ସଂପୂର୍ଣ୍ଣରୂପେ ପରିତ୍ୟାଗ କରିନାହାନ୍ତି । ହବା (ଜୀବନ) ପ୍ରତ୍ୟେକ ମନୁଷ୍ୟ ଜାତିର ମାତା ଅଟନ୍ତି । ସେହିପରି ଅବ୍ରାହମଙ୍କ ଭାର୍ଯ୍ୟା ସାରା (ରାଣୀ)ଙ୍କୁ ସଦାପ୍ରଭୁ ଆଶୀର୍ବାଦ କରିଥିଲେ । ସେ ନାନା ଗୋଷ୍ଠୀର ଆଦିମାତା ଓ ତାହାଙ୍କ ଠାରୁ ନାନାଦେଶୀୟ ରାଜଗଣ ତାହାଙ୍କ ଠାରୁ ଉତ୍ପନ୍ନ ହୋଇଥିଲେ । (ଆଦି ୧୭:୧୬)

ଜ୍ଞାନୀ ଶଲୋମନ କହନ୍ତି,"**ଯେଉଁ ଲୋକ ଭାର୍ଯ୍ୟା ପାଏ ସେ ଉତ୍ତମ ବସ୍ତୁ ପାଏ, ସଦାପ୍ରଭୁଙ୍କ ଠାରୁ ଅନୁଗ୍ରହ ପାଏ ।**" (ହିତ ୧୮:୨୨) "**ଗୃହ ଓ ଧନ ପିତୃଲୋକଙ୍କ ଠାରୁ ପ୍ରାପ୍ତ ଅଧିକାର, ମାତ୍ର ବୁଦ୍ଧିମତୀ ଭାର୍ଯ୍ୟା ସଦାପ୍ରଭୁଙ୍କ ଠାରୁ ପ୍ରାପ୍ତ ହୁଅଇ ।**" (ହିତ ୧୯:୧୪) ସମସ୍ତ ଉତ୍ତମ ଓ ଶ୍ରେଷ୍ଠ ଦାନ ଆମ୍ଭମାନଙ୍କ ସ୍ୱର୍ଗୀୟ ପିତାଙ୍କ ଦାନ ବୋଲି ଆମେ ଜାଣୁ । (ଯାକୁବ ୧:୧୭) "**ଗୁଣବତୀ ସ୍ତ୍ରୀ କିଏ ପାଇପାରେ । ମୁକ୍ତା ଠାରୁ ହିଁ ତାହାର ମୂଲ୍ୟ ଅଧିକ ।**" (ହିତ ୩୧:୧୦) "**ଗୁଣବତୀ ସ୍ତ୍ରୀ ଆପଣା ସ୍ୱାମୀର ମୁକୁଟ ସ୍ୱରୂପ, ମାତ୍ର ଲଜ୍ଜାଦାୟିନୀ ସ୍ତ୍ରୀ ତାହାର ହାଡ଼ସବୁର କ୍ଷୟସ୍ୱରୂପ ।**" (ହିତ ୧୨:୪) ସଦାପ୍ରଭୁ ନାରୀକୁ ଏପରି ଗୌରବମୟ ସ୍ଥାନରେ ରଖିଅଛନ୍ତି ।

ବିଚାରକର୍ତ୍ତା ପୁସ୍ତକର ଚତୁର୍ଥ ଅଧ୍ୟାୟରେ ଦବୋରା ନାମ୍ନୀ ଏକ ସ୍ତ୍ରୀ ବିଷୟରେ ପଢ଼ିଥାଉଁ । ସେ ଲପ୍ପୀଦୋତ୍‌ଙ୍କର ଭାର୍ଯ୍ୟା । ସେ ଏକ ଭବିଷ୍ୟଦ୍‌ବକ୍ତ୍ରୀ ଓ ଅନେକ ବର୍ଷ ନିମନ୍ତେ ସେ ସଦାପ୍ରଭୁଙ୍କ ନିଯୁକ୍ତ ଇଶ୍ରାଏଲର ବିଚାରକର୍ତ୍ତ୍ରୀ । ଇଶ୍ରାଏଲ୍, ସୀଷରା ରାଜା ସହିତ ଯୁଦ୍ଧ କରିବା ସମୟରେ ବାରକଙ୍କ ସହିତ ଯୁଦ୍ଧ କ୍ଷେତ୍ରକୁ ଯାଇଥିଲେ । ଯୁଦ୍ଧରେ ପରାସ୍ତ ସୀଷରା ପଦଗତିରେ କେନୀୟ ହେବରର ଭାର୍ଯ୍ୟା ଯାୟେଲର ତମ୍ବୁରେ ଶରଣ ନେଲା । ସେ ଗାଢ଼ ନିଦ୍ରାରେ ଶୋଇଥିବା ସମୟରେ ଯୋୟେଲ ତମ୍ବୁର ଗୋଟିଏ

ମେଖ ହାତୁଡ଼ି ଦ୍ୱାରା ଧିରେ ଧିରେ କର୍ଣ୍ଣମୂଳରେ ମାରନ୍ତେ ତାହା ଫୁଟି ଭୂମିକି ଗଲା । ଏହିରୂପେ ସେ ଦିନ ଦୁଇ ସ୍ତ୍ରୀ ଦ୍ୱାରା ସଦାପ୍ରଭୁ ଇଶ୍ରାଏଲ୍‌କୁ ଜୟ ଦେଇଥିଲେ ।

ନାଜରିତର କନ୍ୟା ମରିୟମଙ୍କ ଗର୍ଭ ଦ୍ୱାରା ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁଯୀଶୁ ଏହି ଜଗତରେ ଜନ୍ମ ଗ୍ରହଣ କରିଥିଲେ । ତାହାଙ୍କ ଜଗତରେ ସେବା ପରିଚର୍ଯ୍ୟା ସମୟରେ ଅନେକ ସ୍ତ୍ରୀ ଅର୍ଥାତ୍ ମଗ୍‌ଦଲୀନୀ ନାମ୍ନୀ ମରିୟମ, ହୋରଦଙ୍କ ବେବର୍ତ୍ତା ଖୂଜାଙ୍କ ଭାର୍ଯ୍ୟା ଯୋହନା, ଶୋଶନ୍ନା, ପୁଣି ଆହୁରି ଅନେକ ସ୍ତ୍ରୀ ତାହାଙ୍କ ସଙ୍ଗେରେ ଥାଇ ଆପଣା ଆପଣା ସମ୍ପତ୍ତି ଦେଇ ସେମାନଙ୍କ ସେବା କରୁଥିଲେ । (ଲୂକ ୮:୧-୩) । ପ୍ରେରିତମାନଙ୍କ କାର୍ଯ୍ୟାବଳୀର ପୁସ୍ତକରେ ଟାବୀଥା ନାମ୍ନୀ ଏକ ସ୍ତ୍ରୀ ବିଷୟରେ ପଢ଼ିଥାଉଁ । ସେ ନାନା ସତ୍‌କର୍ମ ଦାନକ୍ରିୟାରେ ପୂର୍ଣ୍ଣ ଥିଲେ । ସେ ମୃତ୍ୟୁ ଭୋଗିବାରୁ ଶିଷ୍ୟମାନେ ପିତରଙ୍କୁ ଡାକି ତାହାଙ୍କ ସଦ୍‌ଗୁଣ ସବୁ ଜଣାଇବାରୁ, ପିତର ତାହାଙ୍କୁ ମୃତ୍ୟୁରୁ ପୁନଃଜୀବିତ କରିଥିଲେ । (ପ୍ରେରିତ ୯:୩୬-୪୧) । ଷଷ୍ଠାଦଶ ଅଧ୍ୟାୟରେ ଲୂଦିଆଙ୍କ ଆତିଥ୍ୟ ସତ୍କାର ଓ ଅଷ୍ଟାଦଶ ଅଧ୍ୟାୟରେ ପ୍ରିସ୍କିଲା ଆପଲ୍ଲଙ୍କୁ କିପରି ପ୍ରଭୁଙ୍କ ମାର୍ଗ ସୂକ୍ଷ୍ମ ବିଷୟରେ ଜଣାଇଥିଲେ ପଢ଼ିଥାଉଁ ।

ଖ୍ରୀଷ୍ଟିୟାନ ସ୍ତ୍ରୀମାନଙ୍କୁ ପାଉଲ ଆଜ୍ଞା ଦେଇ କହନ୍ତି, "ସେହି ପ୍ରକାରେ ମଧ୍ୟ ସ୍ତ୍ରୀ କେଶବିନ୍ୟାସ ଏବଂ ସୁବର୍ଣ୍ଣ କି ମୁକ୍ତା କି ମୂଲ୍ୟବାନ ହସ୍ତରେ ଆପଣା ଆପଣାକୁ ଭୂଷିତା ନକରି ଲଜ୍ଜା ଓ ସୁବୁଦ୍ଧି ସହକାରେ ପରିପାଟୀ ପରିଚ୍ଛନ୍ନ ପିନ୍ଧି ଧର୍ମପରାୟଣା ସ୍ତ୍ରୀମାନଙ୍କ ଉପଯୋଗୀ ସତ୍‌କର୍ମ ରୂପ ଭୂଷଣରେ ଆପଣା ଆପଣାକୁ ଭୂଷିତ କରନ୍ତୁ । ସ୍ତ୍ରୀ ପୂର୍ଣ୍ଣ ବଶତା ସ୍ୱୀକାର କରି ମୌନଭାବରେ ଶିକ୍ଷା ଗ୍ରହଣ କରୁ ।" (୧ମ ତୀମଥି ୨:୯-୧୧) । "ଈଶ୍ୱରଙ୍କ ବାକ୍ୟ ଯେପରି ନିନ୍ଦିତ ନହୁଏ, ଏଥି ନିମନ୍ତେ ସେମାନେ ସନ୍ତାନବତ୍ସଳା, ସୁବୁଦ୍ଧି, ସତୀ, ସୁଗୃହିଣୀ, ସୁଶୀଳା ଓ ଆପଣା ଆପଣା ସ୍ୱାମୀର ବଶୀଭୂତା ହେବାକୁ ଶିକ୍ଷା ଦିଅନ୍ତୁ ।" (ତିତସ ୨:୪-୫) । ପିତର ଖ୍ରୀଷ୍ଟିୟାନ ସ୍ତ୍ରୀମାନଙ୍କୁ ଲେଖନ୍ତି, "......ହେ ଭାର୍ଯ୍ୟାମାନେ, ତୁମ୍ଭେମାନେ ଆପଣା ଆପଣା ସ୍ୱାମୀଙ୍କର ବଶୀଭୂତା ହୁଅ, ଯେପରି ସେମାନଙ୍କ ମଧ୍ୟରୁ କେହି କେହି ବାକ୍ୟର ଅନାଜ୍ଞାବହ ହେଲେ ସୁଦ୍ଧା ତୁମ୍ଭମାନଙ୍କର ସଭୟ ସଦା ଆଚରଣ ଦେଖି ବାକ୍ୟ ବିନୁ ଆପଣା ଆପଣା ଭାର୍ଯ୍ୟାର ଆଚରଣ ଦ୍ୱାରା ପରିବର୍ତ୍ତିତ ହେବେ । ପୁଣି କେଶବେଶ, ସୁବର୍ଣ୍ଣ ଆଭରଣ ଓ ସୁନ୍ଦର ବସ୍ତ୍ର ପରିଧାନ, ଏପରି ଯେଉଁ ବାହ୍ୟଭୂଷଣ, ତାହା ତୁମ୍ଭମାନଙ୍କର ଭୂଷଣ ନହୋଇ, ହୃଦୟର ଯେଉଁ କୋମଳ ଓ ଶାନ୍ତିଯୁକ୍ତ ଗୁପ୍ତ ସ୍ୱଭାବ ଈଶ୍ୱରଙ୍କ ଦୃଷ୍ଟିରେ ବହୁମୂଲ୍ୟ,

ତାହାହିଁ, ତୁମ୍ଭମାନଙ୍କର ଅକ୍ଷୟ ଭୂଷଣ ହେଉ ।'' (୧ମ ପିତର ୩:୧-୪)

ସଦାପ୍ରଭୁ ସ୍ତ୍ରୀକୁ ଏକ ଭାର୍ଯ୍ୟା, ଏକ ମାତା, ଗୃହିଣୀ, ଅନ୍ୟମାନଙ୍କ ଶିକ୍ଷାଦେବାର ଏକ ଉତ୍ତମ ଶିକ୍ଷିକା ରୂପେ ନିର୍ମାଣ କରିଅଛନ୍ତି । ଫିଲିପି ମଣ୍ଡଳୀର ଇୟଦିଆ ଓ ସୁନ୍ତୁଖୀ ବିଷୟରେ ପାଉଲ ଲେଖନ୍ତି,''ପୁଣି ହେ ପ୍ରକୃତ ସହକାରୀ ଏହି ମହିଳାମାନଙ୍କୁ ସାହାଯ୍ୟ କରିବା ପାଇଁ ତୁମ୍ଭକୁ ମଧ୍ୟ ନିବେଦନ କରୁଅଛି, କାରଣ ଏମାନେ କ୍ଲେମେନେସ୍ ଓ ମୋହର ଅନ୍ୟ ସହକର୍ମୀମାନଙ୍କ ସଙ୍ଗରେ ସୁସମାଚାର କାର୍ଯ୍ୟରେ ମୋ ସହିତ ପରିଶ୍ରମ କରିଅଛନ୍ତି, ସେହି ସହକର୍ମୀମାନଙ୍କର ନାମ ଜୀବନପୁସ୍ତକରେ ଅଛି ।'' (ଫିଲିପୀୟ ୪:୩-୪) ଯେଉଁମାନେ ଉତ୍ତମ ଭାର୍ଯ୍ୟା, ଉତ୍ତମ ମାତା, ଉତ୍ତମ ଶିକ୍ଷାଦାୟିନୀ, ସୁସମାଚାର କାର୍ଯ୍ୟରେ ପରିଶ୍ରମ କରନ୍ତି, ଏପରି ସ୍ତ୍ରୀମାନଙ୍କ ନାମ ଜୀବନ ପୁସ୍ତକରେ ଲିଖିତ ହୋଇଅଛି । ଯେଉଁମାନେ ପରମେଶ୍ୱରଙ୍କ ଆଜ୍ଞା ପାଳନ କରି, ତାହାଙ୍କ ମାର୍ଗରେ ଚାଲିବାରେ ଆପଣା ଆପଣାକୁ ଆୟତ୍ତ କରନ୍ତି ନାହିଁ ସେମାନଙ୍କ ଆପଣା ଜୀବନ, ପାରିବାରିକ ଜୀବନ, ସାମାଜିକ ଜୀବନ, ମଣ୍ଡଳୀର ସ୍ଥାନ ଉପରେ ପ୍ରଭାବିତ ହୁଏ । ଆସ ଆମ୍ଭେମାନେ ବାକ୍ୟ ଲିଖିତ ସୁଗୁଣଗୁଡ଼ିକ ପ୍ରାପ୍ତ ହେବା ନିମନ୍ତେ ଆପଣା ଆପଣାକୁ ଆୟତ୍ତ କରୁ ।

***Leelavati, KKD***

❋❋❋

# ଯୀଶୁଖ୍ରୀଷ୍ଟଙ୍କ ପ୍ରେରିତ କିଏ ହୋଇ ପାରିବ ?
## (Who could be an Apostle of Jesus Christ ?)

ନୂତନ ନିୟମରେ ଖ୍ରୀଷ୍ଟଙ୍କ 'ପ୍ରେରିତ' ପଦ ଅନେକ ଥର ପଢ଼ିପାରୁ । ଅନେକ ସମୟରେ ଲୋକେ 'ପ୍ରେରିତ' ଓ 'ଶିଷ୍ୟ' ପଦର ପ୍ରଭେଦ ବୁଝିପାରନ୍ତି ନାହିଁ । 'ଶିଷ୍ୟ'ର ଅର୍ଥ ଯେ ଶିକ୍ଷା କରେ ଓ 'ପ୍ରେରିତ'ର ଅର୍ଥ ଯେ ପ୍ରେରିତ ହୁଏ । ଖ୍ରୀଷ୍ଟଙ୍କ ଅନୁସରଣକାରୀ ପ୍ରତ୍ୟେକ ତାହାଙ୍କ ଶିଷ୍ୟ, କିନ୍ତୁ ପ୍ରତ୍ୟେକ ଶିଷ୍ୟ ପ୍ରେରିତ ନୁହନ୍ତି, ପ୍ରେରିତମାନେ ଚାକ୍ଷୁଷ ସାକ୍ଷୀ ଅଟନ୍ତି : ଜଣେ 'ପ୍ରେରିତ' ଏକ ବ୍ୟକ୍ତି ଯେ କି ଯୀଶୁଖ୍ରୀଷ୍ଟଙ୍କ ପୁନଃରୁତ୍ଥାନର ସାକ୍ଷୀ ହେବା ନିମନ୍ତେ ମନୋନୀତ । ଖ୍ରୀଷ୍ଟଙ୍କ ପରିଚର୍ଯ୍ୟା ଆରମ୍ଭ ସମୟରେ ୧୨ଜଣ ଶିଷ୍ୟ ପ୍ରେରିତରୂପେ ମନୋନୀତ ହୋଇଥିଲେ । ଅନ୍ୟମାନେ

ଖ୍ରୀଷ୍ଟଙ୍କ ପୁନଃରୁତ୍ଥାନ ତତ୍ପରେ ପ୍ରେରିତରୂପେ ଯୋଗଦେଲେ । ପ୍ରତ୍ୟେକ ପ୍ରେରିତମାନେ ଖ୍ରୀଷ୍ଟଙ୍କ ପୁନଃରୁତ୍ଥାନର ସାକ୍ଷୀ ଥିଲେ ।

ଶତ୍ରୁମାନଙ୍କ ହସ୍ତରେ ସମର୍ପିତ ହେବା ପୂର୍ବେ, ଉପର କୋଠରୀରେ ପ୍ରଭୁଭୋଜ ପାଳନ କରିବା ପରେ ଯୀଶୁ ସେମାନଙ୍କୁ କହିଲେ, "ପିତାଙ୍କ ନିକଟରୁ ମୁଁ ତୁମ୍ଭମାନଙ୍କ ନିକଟକୁ ଯେଉଁ ସାହାଯ୍ୟକାରୀଙ୍କୁ ପ୍ରେରଣ କରିବି, ପିତାଙ୍କ ଠାରୁ ବହିର୍ଗତ ସେହି ସତ୍ୟମୟ ଆତ୍ମାଙ୍କ ଆସିଲେ ମୋ ବିଷୟରେ ସାକ୍ଷ୍ୟ ଦେବେ, ଆଉ ତୁମ୍ଭେମାନେ ମଧ୍ୟ ସାକ୍ଷୀ, କାରଣ ତୁମ୍ଭେମାନେ ଆରମ୍ଭରୁ ମୋ ସହିତ ରହିଅଛ ।" (ଯୋହନ ୧୫:୨୬-୨୭) ଏହି ଶିଷ୍ୟମାନେ ପରୋକ୍ଷଭାବେ ନୁହେଁ କିନ୍ତୁ ପ୍ରତ୍ୟକ୍ଷଭାବେ ଯୀଶୁଙ୍କ ସହିତ ବାସ କରୁଥିଲେ । ସେମାନେ ଯୀଶୁଖ୍ରୀଷ୍ଟଙ୍କ ସହିତ ଚାଲୁଥିଲେ, ଭୋଜନ କରୁଥିଲେ, ଶୟନ କରୁଥିଲେ, କ୍ରୁଶରେ ହତ ହେବା ଦେଖିଥିଲେ ଓ ପୁନଃରୁତ୍ଥାନର ଜୀବନ୍ତ ସାକ୍ଷୀ ହୋଇଥିଲେ । ତାହାଙ୍କ ସାକ୍ଷ୍ୟ ଦ୍ୱାରା ଆଗାମୀ ମନୁଷ୍ୟଜାତି ଖ୍ରୀଷ୍ଟଙ୍କ ବିଷୟକ ସୁସମାଚାରର ଜ୍ଞାତ ହୋଇପାରିଥିଲେ ।

## ଖ୍ରୀଷ୍ଟ କିପରି ପ୍ରେରିତମାନଙ୍କୁ ମନୋନୀତ କରିଥିଲେ :

ଯୀଶୁଖ୍ରୀଷ୍ଟଙ୍କ ସେବାକାର୍ଯ୍ୟର ଆରମ୍ଭ ସମୟରେ ସେ ଜଣଜଣଙ୍କୁ ବ୍ୟକ୍ତିଗତ ଭାବେ ଆହ୍ୱାନ କରିଥିଲେ । ତାହାଙ୍କ ମୃତ୍ୟୁ ପରେ ତାହାଙ୍କୁ ପ୍ରତାରଣା କରିଥିବା ଯିହୂଦାଙ୍କ ପରିବର୍ତ୍ତେ ଏକ ବ୍ୟକ୍ତି ପ୍ରେରିତଭାବେ ନିଯୁକ୍ତ ହେବା ଆବଶ୍ୟକ ପଡ଼ିଲା । ଯେଉଁ ବ୍ୟକ୍ତି ଯୀଶୁଙ୍କ ସହିତ ବ୍ୟକ୍ତିଗତଭାବେ ଜଡ଼ିତ ହୋଇ ତାହାଙ୍କ ପୁନଃରୁତ୍ଥାନର ସାକ୍ଷୀ ହୋଇଥିଲେ, ପ୍ରେରିତ ପଦ ପାଇବାକୁ ସେ ଯୋଗ୍ୟ ମଣିତ ହେଲେ । "ଅତଏବ, ଯୋହନ ବାପ୍ତିସ୍ମ ଦେବା ସମୟଠାରୁ ଆରମ୍ଭ କରି ଆମ୍ଭମାନଙ୍କ ନିକଟରୁ ଊର୍ଦ୍ଧ୍ୱରେ ଗୃହୀତ ହେବା ଦିନ ପର୍ଯ୍ୟନ୍ତ ଯେତେ ସମୟ ପ୍ରଭୁଯୀଶୁ ଆମ୍ଭମାନଙ୍କ ମଧ୍ୟରେ ଗମନାଗମନ କରୁଥିଲେ, ସେତେ ସମୟ ଯେଉଁ ଲୋକମାନେ ଆମ୍ଭମାନଙ୍କ ସଙ୍ଗୀ ହୋଇଅଛନ୍ତି, ସେମାନଙ୍କ ମଧ୍ୟରୁ ଜଣେ ଆମ୍ଭମାନଙ୍କ ସହିତ ତାହାଙ୍କ ପୁନଃରୁତ୍ଥାନର ସାକ୍ଷୀ ହେବା ଆବଶ୍ୟକ ।" (ପ୍ରେରିତ ୧:୨୧,୨୨)

ଅନେକ ବର୍ଷ ପରେ ଶେଷ ପ୍ରେରିତ ନିଯୁକ୍ତ ହେଲେ । ତାର୍ଷ ନଗରବାସୀ ଶାଉଲଙ୍କୁ ଯୀଶୁଖ୍ରୀଷ୍ଟ ଦର୍ଶନ ଦେଇ କହିଲେ, "......ଆମ୍ଭେ ତୁମ୍ଭକୁ ଆମ୍ଭର ସେବକ, ଆଉ ତୁମ୍ଭେ ଆମ୍ଭର ଯେଉଁ ଯେଉଁ ଦର୍ଶନ ପାଇଅଛ ଓ ପାଇବ, ସେହି ସମସ୍ତ ବିଷୟର ସାକ୍ଷୀ ସ୍ୱରୂପ ସେ ମନୋନୀତ କରିବା ଉଦ୍ଦେଶ୍ୟରେ ତୁମ୍ଭକୁ ଦର୍ଶନ ଦେଉଅଛୁ ।" (ପ୍ରେରିତ ୨୬:୧୬)

ପାଉଲ, ଖ୍ରୀଷ୍ଟଙ୍କ ମନୋନୀତ ଶେଷ ପ୍ରେରିତ ଅଟନ୍ତି । ସେ ଆପଣା ବିଷୟରେ କହନ୍ତି, "ଅବଶେଷରେ ଅକାଳଜାତ ପରି ଜଣେ ଯେ ମୁଁ, ସେ ମୋତେ ମଧ୍ୟ ଦର୍ଶନ ଦେଲେ ।" (୧ମ କରିନ୍ଥୀ ୧୫:୮) ପ୍ରେରିତ ପାଉଲଙ୍କ ସହିତ, ପ୍ରେରିତମାନଙ୍କ ସଂଖ୍ୟା ପୂର୍ଣ୍ଣ ହେଲା । ଯେଉଁମାନେ ଆଜି ପ୍ରେରିତଭାବେ ଆପଣାକୁ ପରିଣତ କରାନ୍ତି, ସେମାନେ ପ୍ରେରିତ ନୁହନ୍ତି । ପ୍ରେରିତମାନଙ୍କ ସାକ୍ଷ୍ୟ ଦ୍ୱାରା ମୁଁ ଓ ଆପଣ ଖ୍ରୀଷ୍ଟଙ୍କୁ ଜାଣିପାରିଅଛୁ ।

***John Thiesen***

❋❋❋

# ଯୀଶୁଖ୍ରୀଷ୍ଟଙ୍କ ପୁନଃରୁଥାନ
## (The Resurection of Jesus Christ)

ମୃତମାନଙ୍କ ପୁନରୁଥାନ ସମ୍ବନ୍ଧରେ ସେ ବିଚାରିତ ହେଉଅଛନ୍ତି ବୋଲି ପ୍ରେରିତ ପାଉଲ ଫେଲୀକସ୍‌ଙ୍କୁ କହିଥିଲେ (ପ୍ରେରିତ ୨୩:୬) । ଦୁଇବର୍ଷ ପରେ ଫେଷ୍ଟ ଓ ଅଗ୍ରିପ୍ପା ସମ୍ମୁଖରେ ଆପଣା ପକ୍ଷ ସମର୍ଥନ କରି କହିଲେ, "......ଈଶ୍ୱର ଯେ ମୃତମାନଙ୍କୁ ଉଠାନ୍ତି, ତାହା କାହିଁକି ଆପଣମାନଙ୍କ ବିଚାରରେ ଅବିଶ୍ୱାସ ବୋଲି ବୋଧ ହୁଏ ?" (ପ୍ରେରିତ ୨୬:୮) ଖ୍ରୀଷ୍ଟଙ୍କ ପୁନଃରୁଥାନ ଓ ସେ ଯେ ନିତ୍ୟଜୀବୀ ଅଟନ୍ତି ଏହା ପ୍ରେରିତ ପାଉଲ ଓ ପିତରଙ୍କ ପ୍ରଚାରର ମୁଖ୍ୟ ବିଷୟବସ୍ତୁ ଥିଲା ।

ଯୀଶୁଖ୍ରୀଷ୍ଟ ମୃତ୍ୟୁରୁ ପୁନଃରୁଥିତ ହୋଇଥିବାରୁ, ଈଶ୍ୱରଙ୍କ ପୁତ୍ର ରୂପେ ପ୍ରମାଣିତ ହୋଇଅଛନ୍ତି । (ରୋମୀୟ ୧:୪) । ସେ ମୃତ୍ୟୁରୁ ପୁନଃରୁଥିତ ହୋଇନଥିଲେ, ମୃତ ଓ ସାଧାରଣ ମନୁଷ୍ୟରୂପେ ଇତିହାସ ତାହାଙ୍କୁ ଭୁଲିଯାଇଥାନ୍ତା ।

ଖ୍ରୀଷ୍ଟଙ୍କ ପୁନଃରୁଥାନ ଦ୍ୱାରା, ସଦାପ୍ରଭୁ ଖ୍ରୀଷ୍ଟିୟାନମାନଙ୍କୁ ଆପଣା ମହା ଅନୁଗ୍ରହରେ ନୂତନ ଜନ୍ମର ଭରସା ଦେଇ ଅଛନ୍ତି । (୧ମ ପିତର ୧:୩) । ଭରସା ଦ୍ୱାରା ଖ୍ରୀଷ୍ଟିୟାନମାନେ ବିଶ୍ୱସ୍ତ ଜୀବନଯାପନ କରିପାରନ୍ତି । ଭରସା ବିଷୟରେ ପାଉଲ ପ୍ରେରିତ, ତିତସଙ୍କୁ ଲେଖନ୍ତି, "ଆଉ ସେହି ଆନନ୍ଦଦାୟକ ଭରସା ପୁଣି ଆମ୍ଭମାନଙ୍କ ମହାନ ଈଶ୍ୱର ଓ ତ୍ରାଣକର୍ତ୍ତା ଖ୍ରୀଷ୍ଟଯୀଶୁଙ୍କ ଗୌରବର ପ୍ରକାଶରେ ଅପେକ୍ଷାରେ ରହୁ ।" (ତିତସ ୨:୧୩) । ଖ୍ରୀଷ୍ଟଙ୍କ ପୁନଃରୁଥାନ ବିନା ଆମ୍ଭମାନଙ୍କ ଜୀବନରେ ଭରସା କାହିଁ ?

ଆମ୍ଭମାନଙ୍କ ପରିତ୍ରାଣ ନିମନ୍ତେ, ଖ୍ରୀଷ୍ଟଙ୍କ ପୁନଃରୁଥାନ ସହ ଆମ୍ଭମାନଙ୍କ ଆଜ୍ଞାବହତା ଜଡ଼ିତ ହୋଇଅଛି । ବାପ୍ତିସ୍ମରେ ଆମ୍ଭେମାନେ ଖ୍ରୀଷ୍ଟଙ୍କ ମରଣରେ ସହଭାଗୀ ହୋଇ ପରିତ୍ରାଣ ପ୍ରାପ୍ତ ହେଉ ବୋଲି ୧ମ ପିତର ୩:୨୧ ପ୍ରକଟ କରେ । ଖ୍ରୀଷ୍ଟଙ୍କ ପୁନଃରୁଥାନ ବିନୁ ଈଶ୍ୱରଙ୍କ ପରିତ୍ରାଣର ଯୋଜନା ଅସମ୍ପୂର୍ଣ୍ଣ । ଜଳରେ ବାପ୍ତିଜିତ ହେବା ଦ୍ୱାରା ଆମ୍ଭେମାନେ ଖ୍ରୀଷ୍ଟଙ୍କ ମରଣ ଓ ପୁନଃରୁଥାନର ସହଭାଗୀ ହୋଇ ନୂତନ ଜନ୍ମ ଗ୍ରହଣ କରୁ ।

ଖ୍ରୀଷ୍ଟଙ୍କ ପୁନଃରୁଥାନ ଦ୍ୱାରା ପ୍ରତ୍ୟେକ ମନୁଷ୍ୟ ମୃତ୍ୟୁରୁ ପୁନଃରୁତ୍ଥିତ ହେବେ ବୋଲି ପ୍ରକଟ କରେ । ଆରୟପାଣରେ ଏଥେନ୍ସବାସୀମାନଙ୍କୁ ପ୍ରେରିତ ପାଉଲ କହିଥିଲେ, ''କାରଣ ଯେଉଁଦିନ ସେ ଆପଣା ନିରୂପିତ ବ୍ୟକ୍ତିଙ୍କ ଦ୍ୱାରା ଧାର୍ମିକତାରେ ଜଗତର ବିଚାର କରିବେ, ଏହିପରି ଗୋଟିଏ ଦିନ ସ୍ଥିର କରିଅଛନ୍ତି, ଆଉ ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉତ୍ଥାପନ କରି ଏ ବିଷୟରେ ସମସ୍ତଙ୍କ ନିକଟରେ ପ୍ରମାଣ ଦେଇଅଛନ୍ତି ।'' (ପ୍ରେରିତ ୧୭:୩୧) । ''ଯେଣୁ ଆଦମ ଦ୍ୱାରା ଯେପରି ସମସ୍ତେ ମୃତ୍ୟୁଭୋଗ କରନ୍ତି, ସେହିପରି ମଧ୍ୟ ଖ୍ରୀଷ୍ଟଙ୍କ ଦ୍ୱାରା ସମସ୍ତେ ସଜୀବ ହେବେ, କିନ୍ତୁ ପ୍ରତ୍ୟେକ ଜଣ ଆପଣା ଆପଣା ଶ୍ରେଣୀରେ ପ୍ରଥମ ଫଳ ସ୍ୱରୂପ ଖ୍ରୀଷ୍ଟ.......।'' (୧ମ କରିନ୍ଥୀ ୧୫:୨୨,୨୩)

ସଦାପ୍ରଭୁ ପରମେଶ୍ୱର ଆପଣା ଜ୍ଞାନରେ ଖ୍ରୀଷ୍ଟଙ୍କ ପୁନଃରୁଥାନ ଯୋଜନା କରି, ବିଶ୍ୱସ୍ତ ଖ୍ରୀଷ୍ଟିୟାନମାନଙ୍କୁ ଅନନ୍ତଜୀବନର ଆଶୀର୍ବାଦ ଦେଇଅଛନ୍ତି ।

***Windie Kee***

❋❋❋

**Edited & Published by : Kabita & Joshua Gootam**

# ANANIAS AND SAPPHIRA

Acts 5 : 1-11

INTRODUCTION :

1. This is a true story.
2. It happened in the early days of the church.
3. It brought fear upon the Lord's people.
4. Many valuable lessons are taught.

DISCUSSION :

**I. Ananias and Sapphira.**

1. They were married.
2. They were members of the church.
3. Had possessions.
4. Sold their possession.
5. Kept back part of the price.
6. They were selfish.
7. They separately went to Peter.
   a. Others were selling their possessions and were giving it to the Apostles.
   b. They wanted to have part but at the same time hold
   c. Many want to seem religious but have their wordly things too.

**II. Ananias.**

1. He was the first to approach Peter.
2. He brought a certain part and laid it at the apostles' feet.
3. Peter asked him why had Satan filled his heart to lie to the Holy Ghost to keep back part of the price of the land ?
   a. It suggests that the Spirit gave Peter knowl edge of what had happened.
4. He reasoned that while it was his that it was his own to do as he pleased.
5. He also showed him that it was still his own money after he sold it.
6. But Ananias had thought up this deed in his heart.
7. Therefore he did not lie to men but to God.
8. When he heard these words he fell down dead.
9. Fear came upon those who heard.
10. Then some young men arose, wound him up, and carried him up, and carried him out to bury him.

**III. Sapphira.**

1. She came about three hours later.

2. She had no knowledge of what had happened.
3. Peter asked her about the land.
4. She told the same story.
5. Peter asked why had she and her husband agreed on such a story to tempt the Spirit.
6. He explained that the same ones that had taken her husband out was waiting on her.
7. She then fell down dead.
8. The young men then came in, found her dead, carried her forth, and buried her by her husband.
9. And great fear came on the church.

**IV. Lessons.**

1. God wants his people to give.
2. God wants us to tell the truth.
3. God will punish those who fail to abide by his will.
4. This lesson should cause us to fear.

CONCLUSION :

1. What would happen if God was still working today as then ?
2. He warns us now through his word.
3. The day will come in which he will deal with the sinner.

***

FROM :
SATYA VANI
P.O.BOX.80,
KAKINADA - 533 001.

To

PRINTED BOOK ONLY

(FOR PRIVATE CIRCULATION ONLY)